ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.03 - MARCH 2026

## କଣ୍ଟ୍ରାଷ୍ଟ

**ସ୍ୱର୍ଣ୍ଣ ରଥ ମହାପାତ୍ର**



ସବୁ ସକାଳ କଣ ଖରା ନେଇ ଆସେ !
କୁହୁଡିଆ କାକରିଆ ଗୁମଗୁମ ଅନ୍ଧାରିଆ
ପାଗ ଦେଖି ଦେଲେ ସକାଳୁ ସକାଳୁ
ତୁମେ ସଂଶୟରେ ମୁଁହ ଧୋଇ
ଅଭିମାନରେ ପୋଛି ଦିଅ ସବୁ ମିଠାପଣ
ସୁଖ ମାନଙ୍କୁ ମନେଇ ଥାପୁଡ଼େଇ
ଅଟକେଇ ରଖିଥିଲି ତୁମ ପାଇଁ
ତୁମର ବଛାବଛି ଯାଞ୍ଚ ପରଖ ଭିତରେ
ଖସି ପଳାନ୍ତି ସୁଖ ସବୁ ମୌକା ଦେଖି ଦେଖି ।
ଦିନୁ ଦିନ ସମସ୍ୟା ସବୁ ଛନ୍ଦାଛନ୍ଦି ହେଇ
ବକ୍ରରେଖାରେ ମୁଁହାଉଛନ୍ତି ସ୍ନୋର ରୁମକୁ
ସେସବୁକୁ ସଳଖି ପଟରୀକୁ ଆଣୁ ଆଣୁ
ମୁଁ ଝଡି କୁଢ଼େଇ ହେଇ ସାରିଲେଣି
ଦୁଃଖମାନଙ୍କୁ ଛାଣି ଚଲେଇ
ଅଲଗା କରୁ କରୁ
ସଂଜ ହେଇ ଆସିଲେଣି
ଏବେ ତୁମେ କୁହ ପ୍ରିୟତମ
ବଉଳ ପେନ୍ଥି ପେନ୍ଥି ହେଇ ଫଗୁଣରେ
ମହ ମହ ବାସିବି ମୁଁ ତୁମ ବଗିଚାରେ
ଏ ନାଟ ଅପେରା ତ
ମୋ ଦିହାତି ହବ ନାହିଁ ଆଉ ।

ତୁମେ ଅଭିଯୋଗ କର
ସ୍ୱପ୍ନର ପାହାଡ଼ଟା ନୀଳ ବର୍ଣ୍ଣ ଶୃଗାଳ ସାଜିଛି
ଅଚିହ୍ନା ବ୍ୟାଧିର ହୁକେ ହୁ କରୁଛି
କି ମିଳିବ କୁହ ସେ ଚିହ୍ନା ଅଚିହ୍ନା ସ୍ୱରରୁ
ହାଥ ଧରି ଆସ ମୋ ସାଥିରେ
ପ୍ରଭାତ ଫେରି କରି ଆସିବା
ଦେଖିବ, କେତେ ଅଧୁଆ ମୁହିଁ ସ୍ୱପ୍ନମାନେ
ଅଳସ ଭାଙ୍ଗି ଭାଙ୍ଗି ଚାଲିଥିବେ ପ୍ରାତଃ ଭ୍ରମଣରେ,
ଖରାକୁ ହାତେଇବାକୁ ଚାଲାକି ଢଙ୍ଗରେ
ତାଙ୍କ ମନ ରଂଗ ଆମ ମନ ରଂଗ ଭିନ୍ନେ ହେଲେ
ଆମର ଯାଏ ଆସେ କେତେ
ତୁମ ମୋ ମନ ରଂଗ ଖାଲି
କଣ୍ଟ୍ରାଷ୍ଟ ନ ହେଲେ ହେଲା
ବାକି ମେଳ ଅମେଳ ଯାଞ୍ଚ ପରତାଳ
ପ୍ରେମରେ ତ ଅଣଦେଖା କୁଣିଆଁ ।

**ବିଜୟା ଗାର୍ଡେନ, ଜାମସେଦପୁର**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*